ପରବର୍ତ୍ତୀ ଫସଲରେ ରୋଗପୋକ ଆକ୍ରମଣରୁ ରକ୍ଷା ମିଳିଥାଏ । ପରେ ବିହନକୁ ଅଖା, କନା ଆଦି ଛିଦ୍ରଯୁକ୍ତ ମୁଣିରେ ପୁରାଇ ଘର ଭିତରେ, ଶୁଖିଲା ଓ ପବନ ଯାତାୟାତ କରୁଥିବା ସ୍ଥାନରେ ସାଇତି ରଖନ୍ତୁ । ଭଲ ଭାବରେ ବିହନ ଶୁଖିଯାଇଥିଲେ ଆର୍ଦ୍ରତା ନିରୋଧକ ଜରିମୁଣି ମଧ୍ୟ ବ୍ୟବହାର କରାଯାଇପାରିବ । ସାଧାରଣତଃ ବିହନକୁ ଝୋଟ ଅଖାରେ ରଖି ତାର ମୁହଁ ସିଲାଇ କରି ଗୋଦାମ ଘରେ ଭୂମିଠାରୁ ୧୫ ସେ.ମି. ଉଚ୍ଚତାର କାଠ ନିର୍ମିତ ବିହନ ରଖିବା ଭାଡି ଉପରେ ରଖନ୍ତୁ । ପ୍ରତ୍ୟେକ ଥାକରେ ୮ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଥାକ କରନ୍ତୁ । ବିହନ ବସ୍ତା ଗୁଡିକ କାନ୍ଥଠାରୁ ଅତି କମ୍‌ରେ ୩୦ ସେ.ମି. ଛାଡିକରି ରହିବା ଆବଶ୍ୟକ । ଗୋଦାମ ଘରଟିରେ ମୂଷା ପ୍ରତିରୋଧକ ଓ ଉତ୍ତମ ବାୟୁ ଚଳାଚଳ ବ୍ୟବସ୍ଥା ଥିବା ଦରକାର । ସାଇତି ରଖିଥିବା ପ୍ରତ୍ୟେକ ବସ୍ତା ଉପରେ କିସମର ନାମ, କେଉଁ ବର୍ଷ ଓ ସମୟର ଉତ୍ପାଦନ ଲେଖିକରି ରଖନ୍ତୁ । ଏହାଛଡା ବିହନ ଭାଡିର ପ୍ରତି ଥାକରେ ମାତ୍ର ଏକପ୍ରକାର କିସମର ବିହନ ହିଁ ସାଇତି ରଖନ୍ତୁ ଯେପରିକି ବିହନ ମିଶି ଯିବାର ସମ୍ଭାବନା ରହିବନି ।

### ଫାଉଣ୍ଡେସନ ଅଥବା ସାର୍ଟିଫାଏଡ୍ ବିହନ ଉତ୍ପାଦନ କରିବା କିପରି ?

ଫାଉଣ୍ଡେସନ ଅଥବା ସାର୍ଟିଫାଏଡ୍ ବିହନ ଉତ୍ପାଦନ କରିବାକୁ ଯାଉଥିବା ଚାଷୀଭାଇମାନେ ବିଭିନ୍ନ ପ୍ରକାରର ଗୁଣାତ୍ମକମାନର ବିହନ ବିଷୟରେ ଜାଣିବା ଆବଶ୍ୟକ । କୃଷି ବୈଜ୍ଞାନିକମାନେ ଗବେଷଣା କରି ବିଭିନ୍ନ ସ୍ଥାନ ଓ ଜଳବାୟୁ ପାଇଁ ନୂଆ କିସମର ଧାନ ତିଆରି କରିଥାନ୍ତି । ଏହି ବୈଜ୍ଞାନିକ ତିଆରି କରିଥିବା ନୂଆ କିସମର ଧାନ ବିହନକୁ ନିଉକ୍ଲିୟସ୍ ବିହନ କହନ୍ତି । ନିଉକ୍ଲିୟସ୍ ବିହନକୁ ଲଗାଇବାପରେ ସେଥିରୁ ଯେଉଁ ବିହନ ଉତ୍ପାଦିତ ହୋଇଥାଏ ତାକୁ କୁହନ୍ତି ବ୍ରିଡର ବିହନ । ଏହି ଦୁଇପ୍ରକାରର ବିହନ ସାଧାରଣତଃ ମୁଖ୍ୟ ଗବେଷଣା ଅନୁଷ୍ଠାନରେ ତଥା ବୈଜ୍ଞାନିକଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥାଏ । ବ୍ରିଡର ବିହନକୁ ଲଗାଇ ଯେଉଁ ବିହନ ତିଆରି ହୁଏ ତାକୁ ଫାଉଣ୍ଡେସନ ବା ପିଣ୍ଡବିହନ କହନ୍ତି ଏବଂ ଫାଉଣ୍ଡେସନ୍ ବିହନ ଲଗାଇ ଯେଉଁ ବିହନ ମିଳିଥାଏ ତାହାକୁ ସାର୍ଟିଫାଏଡ୍ ବା ପ୍ରାମାଣିକ ବିହନ କହନ୍ତି । ଫାଉଣ୍ଡେସନ୍ ବିହନ ସାଧାରଣତଃ ସରକାରୀ ଫାର୍ମରେ ତିଆରି ହୋଇଥାଏ ; କିନ୍ତୁ ଏଥିପାଇଁ ଆଗୁଆ ଚାଷୀମାନଙ୍କୁ ମଧ୍ୟ ଦରଖାସ୍ତ କଲେ ଅନୁମତି ମିଳିଥାଏ । ସାର୍ଟିଫାଏଡ୍ ବିହନ ସରକାରୀ ଫାର୍ମ ଏବଂ ଚାଷୀବିଲ ଉଭୟ ଯାଗାରେ ତିଆରି ହୋଇଥାଏ ।

ଫାଉଣ୍ଡେସନ୍ ବିହନ ଉତ୍ପାଦନ ପାଇଁ ପ୍ରଥମ ଆବଶ୍ୟକତା ହେଉଛି ସେହି ଧାନ କିସମର ବ୍ରିଡର ବିହନ ପାଇବା । ଠିକ୍ ସେହିପରି ସାର୍ଟିଫାଏଡ୍ ବିହନ ଉତ୍ପାଦନ ପାଇଁ ଫାଉଣ୍ଡେସନ୍ ବିହନ ପାଇବା ଆବଶ୍ୟକ । ଏହି ବିହନ ମୁଖ୍ୟତଃ ରାଜ୍ୟ ବିହନ ନିଗମ, କୃଷି ବିଶ୍ୱବିଦ୍ୟାଳୟ ଏବଂ ଧାନ ଗବେଷଣା ଅନୁଷ୍ଠାନରୁ ପ୍ରାପ୍ତ ହୋଇଥାଏ । ପ୍ରଥମେ ଆବଶ୍ୟକୀୟ ବିହନ କୌଣସି ଅଧିକୃତ ସଂସ୍ଥାରୁ ଉପଯୁକ୍ତ ମାନ ନିର୍ଦ୍ଧାରଣ ହୋଇ ଫଳକ(ଟ୍ୟାଗ୍) ସହିତ କ୍ରୟ ହୋଇଥିବା ଜରୁରୀ ଅଟେ । ବିହନ ବୁଣିବାର/ରୋଇବାର ୧୦ ଦିନ ମଧ୍ୟରେ ରାଜ୍ୟ ବିହନ ପ୍ରାମାଣୀକରଣ ସଂସ୍ଥାଙ୍କୁ ଆବଶ୍ୟକୀୟ ଦେୟ ଜମା ସହିତ ନିଜ ବ୍ଲକ୍ ର ସହକାରୀ କୃଷି ଅଧିକାରୀ ବା କନିଷ୍ଠ କୃଷି ଅଧିକାରୀଙ୍କ ମାଧ୍ୟମରେ ଆବେଦନ କରିବା ଦରକାର । ସାଧାରଣତଃ ରାଜ୍ୟ ବିହନ ପ୍ରମାଣୀକରଣ ସଂସ୍ଥା ଆବେଦନ ପତ୍ର ଯାଞ୍ଚ ଏବଂ ବିହନ ଉତ୍ସ ତନଖି ପରେ ବିହନ କ୍ଷେତ୍ର ପରିଦର୍ଶନ କରିଥାନ୍ତି । ଫସଲ କ୍ଷେତରେ ଥିବା ଅବସ୍ଥାରେ ରାଜ୍ୟ ବିହନ ପ୍ରାମାଣୀକରଣ ସଂସ୍ଥାର କ୍ଷେତ୍ରୀୟ ଅଧିକାରୀ ଦୁଇଥର ପରିଦର୍ଶନରେ ଆସିଥାନ୍ତି । ସେମାନେ ପରିଦର୍ଶନରେ ଆସିଥିବା ସମୟରେ ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ଫସଲର ସଠିକ୍ ତଥ୍ୟ ଦେବା ଦରକାର ଏବଂ ସେମାନଙ୍କର ନିର୍ଦ୍ଦେଶ ମାନିବା ଦରକାର । ଅମଳ ସମୟରେ ମଧ୍ୟ ଆଉ ଥରେ ପରିଦର୍ଶନ ପାଇଁ ବ୍ୟବସ୍ଥା ଥାଏ । ଏହି ଅଧିକାରୀଙ୍କଠାରୁ ଉଦ୍ଦିଷ୍ଟ ଅମଳ ପ୍ରମାଣପତ୍ର ପାଇବାପରେ, ବିହନକୁ ପ୍ରକ୍ରୀୟାକରଣ ପାଇଁ ରାଜ୍ୟବିହନ ନିଗମର ପ୍ରକ୍ରୀୟାକରଣ କେନ୍ଦ୍ରକୁ ପଠାଇବା ଦରକାର । ବିହନ ପ୍ରକ୍ରୀୟାକରଣ ପରେ ବିହନ ନମୂନା ସଂଗ୍ରହ ହୋଇଥାଏ । ଏହି ନମୂନାର ପରୀକ୍ଷଣ ପରୀକ୍ଷାଗାରରେ ହୋଇସାରିବା ପରେ ଯଦି ଏହା ନିର୍ଦ୍ଧାରିତ ମାନ ସଂପନ୍ନ ହୋଇଥାଏ, ଏହାକୁ ପ୍ରମାଣପତ୍ର ସହିତ ଟ୍ୟାଗ୍ ପ୍ରଦାନ କରାଯାଇଥାଏ ।

ଏଠାରେ ଆଲୋଚିତ ହୋଇଥିବା ଦିଗଗୁଡିକ ପ୍ରତି ବିଶେଷ ଧ୍ୟାନ ଦେଲେ ଚାଷୀଭାଇମାନେ ଶୁଦ୍ଧ ତଥା ଉନ୍ନତ ମାନର ବିହନ ଉତ୍ପାଦନ କରିପାରିବେ ଯାହାକି ପରବର୍ତ୍ତୀ ବର୍ଷରେ ସେମାନଙ୍କୁ ବିହନ ପାଇଁ ଆତ୍ମନିର୍ଭରଶୀଳ କରିବ ଏବଂ ଅଧିକ ଅମଳ ଦେବ ।

## ଉନ୍ନତ ମାନର ଧାନ ବିହନ ଉତ୍ପାଦନ ପଦ୍ଧତି

**ସି.ଆର୍.ଆର୍.ଆଇ ବୈଷୟିକ ଇସ୍ତାହାର-୯୨**

( *Published by:* **Nikra Project** )

©ସମସ୍ତ ସତ୍ତ୍ୱ ସଂରକ୍ଷିତ - କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ଜୁଲାଇ ୨୦୧୩

ସମ୍ପାଦନ ଏବଂ ପୃଷ୍ଠ ବିନ୍ୟାସ - ବିଶ୍ୱନାଥ ଷଡଙ୍ଗୀ

ଫଟୋ - ପ୍ରକାଶ କର ଏବଂ ଭଗବାନ ବେହେରା

ମୁଦ୍ରଣ-ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ, ଓଡିଶା-୭୫୩ ୦୦୬ ତରଫରୁ ପ୍ରକାଶିତ

# ଉନ୍ନତ ମାନର ଧାନ ବିହନ ଉତ୍ପାଦନ ପଦ୍ଧତି

ରବୀନ୍ଦ୍ର କୁମାର ସାହୁ ଏବଂ ସୁଧୀ ରଂଜନ ଧୁଆ



ଆମ ଦେଶରେ ହାରାହାରି ୭୫ ଭାଗ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଅଛନ୍ତି ଯେଉଁମାନେ ସମ୍ବଳ ଅଭାବରୁ କୃଷି ଉତ୍ପାଦନରେ ଅଗ୍ରଗତି କରିପାରୁ ନାହାନ୍ତି । ଉକ୍ତ ଶ୍ରେଣୀର କୃଷକମାନେ ବହୁଳ ଭାବରେ ଧାନ ଚାଷ କରନ୍ତି କିନ୍ତୁ ଉତ୍ପାଦନ ବୃଦ୍ଧିପାଇଁ ଆବଶ୍ୟକ ପଡୁଥିବା ସମ୍ବଳ ବିନିଯୋଗ କରିପାରନ୍ତି ନାହିଁ । ଉକ୍ତ ସମ୍ବଳଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ଧାନଚାଷରେ ସ୍ୱଳ୍ପ ବ୍ୟୟବହୁଳ ଜ୍ଞାନକୌଶଳ ବାହାର କରିବାପାଇଁ ଚେଷ୍ଟା କରାଯାଉଛି । ଉନ୍ନତ କିସମର ଧାନ ଏବଂ ଉନ୍ନତ ମାନର ବିହନ ଏକ ସ୍ୱଳ୍ପବ୍ୟୟବହୁଳ ବୈଷୟିକ ଜ୍ଞାନରୂପେ ପରିଚିତ । କୃଷକମାନେ ଅଳ୍ପ ଖର୍ଚ୍ଚରେ ଉପରୋକ୍ତ ବୈଷୟିକ ଜ୍ଞାନକୁ ଉପଯୋଗ କରିପାରିବେ ଯାହାଦ୍ୱାରା କି ସେମାନେ ସାଧାରଣ ବିହନ ତୁଳନାରେ ଆଶାନୁରୂପକ ଉତ୍ପାଦନ ବୃଦ୍ଧି କରିପାରିବେ ।

### ବିହନ ଏବଂ ଶସ୍ୟ ମଧ୍ୟରେ ପାର୍ଥକ୍ୟ କ'ଣ ?

ସାଧାରଣତଃ ଧାନ ଫସଲ ଅମଳ ପରେ ଚାଷୀମାନେ ଅମଳ ଶସ୍ୟର କିଛି ଅଂଶ ସାଇତି ରଖି ତାହାକୁ ବିହନ ଭାବରେ ବ୍ୟବହାର କରନ୍ତି । ସେମାନଙ୍କ ପାଇଁ ଶସ୍ୟ ଏବଂ ବିହନ ମଧ୍ୟରେ କୌଣସି ତଫାତ୍ ନଥାଏ । କିନ୍ତୁ ପ୍ରକୃତପକ୍ଷେ ଶସ୍ୟକୁ ଆମେ ଖାଦ୍ୟ ଭାବରେ ବ୍ୟବହାର କରିଥାଉ ଯେଉଁଥିପାଇଁ କି ଶସ୍ୟର ଶୁଦ୍ଧତା ତଥା ଅଙ୍କୁରଣ କ୍ଷମତା ଉପରେ ଗୁରୁତ୍ୱ ଦିଆଯାଇନଥାଏ । କିନ୍ତୁ ବିହନକୁ ଫସଲ ଚାଷ ପାଇଁ ବ୍ୟବହାର କରାଯାଇଥାଏ । ତେଣୁ ବିହନର ଶୁଦ୍ଧତା, ଅଙ୍କୁରଣ ଶକ୍ତି, ଜଳୀୟ ଅଂଶ ଓ ଆନୁବଂଶିକ ଶୁଦ୍ଧତା ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏଥିପାଇଁ ବିହନ ଉତ୍ପାଦନ ପାଇଁ ନିର୍ଦ୍ଦିଷ୍ଟ ଜ୍ଞାନକୌଶଳ ତଥା ସାବଧାନତା ଅବଲମ୍ବନ କରାଯାଏ ।

### ଉନ୍ନତ ମାନର ଧାନ ବିହନ କ'ଣ ?

ଉନ୍ନତ ମାନର ଧାନ ବିହନ ଶୁଦ୍ଧ ଥାଏ ଯେଉଁଥିରେ କି ଅନ୍ୟ କିସମର ମିଶା ବିହନ ନ ଥାଏ । ଏଥିରେ କାଠି, କୁଟା, ଅଳିଆ, ମାଟି, ଗୋଡି, ଅଗାଡି, ଭଙ୍ଗା ମଞ୍ଜି ଇତ୍ୟାଦି ନ ଥାଏ ଏବଂ ଏହି ବିହନ ହୃଷ୍ଟପୁଷ୍ଟ ତଥା ରୋଗ ଓ ପୋକ ମୁକ୍ତ ଥାଏ । ଏହା ଛଡା ଏହାର ଅଙ୍କୁରଣ କ୍ଷମତା ବା ଗଜା ହେବାର ଶକ୍ତି ଶତକଡ଼ା ୮୦ ରୁ ଅଧିକ ଥାଏ ।

### ଉନ୍ନତ ମାନର ଧାନ ବିହନ ବ୍ୟବହାର କରିବା କାହିଁକି ?

ଧାନ ଫସଲରୁ ଅଧିକ ଅମଳ ପାଇବାପାଇଁ ଯେଉଁସବୁ ଉପାଦାନ ଆବଶ୍ୟକ ହୋଇଥାଏ ସେଥିମଧ୍ୟରୁ ଉନ୍ନତ ମାନର ବିହନ ଅନ୍ୟତମ; କାରଣ ଏହା ଏକାକୀ ଶତକଡ଼ା ୫ ରୁ ୨୦ ଭାଗ ଅଧିକ ଅମଳ ଦେବାରେ ସାହାଯ୍ୟ କରିଥାଏ । ଅନ୍ୟାନ୍ୟ ଉପାଦାନ ତୁଳନାରେ

ଏହାର ଅବଦାନ ଅଧିକ ହେଉଥିବାରୁ ଏବଂ ଏହାର ବ୍ୟବହାର ବିନା ଅନ୍ୟ ଉପାଦାନ ମାନଙ୍କର ବିଶେଷ ଫଳ ମିଳୁ ନଥିବାରୁ ଉନ୍ନତମାନର ବିହନ ବ୍ୟବହାରକୁ ଅଧିକ ଜରୁରୀ ମନେ କରାଯାଏ ।

## ବିହନ ଉତ୍ପାଦନ ପାଇଁ ଉପଯୁକ୍ତ ଜମି ବାଛିବା କିପରି ?

ବିହନ ଉତ୍ପାଦନ ପାଇଁ ବାଛିଥିବା ଜମିର ଉର୍ବରତା ଭଲ ହୋଇଥିବା ଦରକାର । ଏହାଛଡ଼ା ସେ ଜମିରେ ପୂର୍ବ ଋତୁରେ ଅନ୍ୟ କିସମର ଧାନଚାଷ ହୋଇନଥିଲେ ଭଲ । କାରଣ ପୂର୍ବରୁ ଝଡ଼ିଥିବା ଧାନ ପୁଣି ଗଜା ହୋଇ ମିଶିଯିବାର ଅନେକ ସମ୍ଭାବନା ଥାଏ । ଏପରି ଜମି ନ ଥିଲେ ଏ ଦିଗ ପ୍ରତି ସତର୍କ ରହିବା ଦରକାର । ବିହନ କିଆରୀର ପାଖ କିଆରୀ ଗୁଡିକରେ ଯଦି ଅନ୍ୟ କିସମର ଧାନ ଲଗାଯାଇଥାଏ ତେବେ ବିହନ କିଆରୀର ଧାନ ଗଛ ଏବଂ ପାଖ କିଆରୀର ଅନ୍ୟ କିସମ ଧାନ ଗଛ ମଧ୍ୟରେ ପରାଗ ସଂଗମ ହୋଇ ମିଶିଯିବାର ଅନେକ ସମ୍ଭାବନା ଥାଏ । ତେଣୁ ବିହନ କିଆରୀର ଚାରିପାଖରେ ଅତିକମ୍‌ରେ ୩ ମିଟରର ବ୍ୟବଧାନ ରହିବା ଆବଶ୍ୟକ ।

## ବିହନ ଉତ୍ପାଦନ ପାଇଁ ଉପଯୁକ୍ତ ଚାଷ ପ୍ରଣାଳୀ କ'ଣ ?

ଧାନ ଫସଲ ଉଭୟ ବୁଣା ଓ ରୁଆ ମାଧ୍ୟମରେ ଚାଷ କରାଯାଏ । କିନ୍ତୁ ବିହନ ପାଇଁ ରୁଆ ଚାଷ ଭଲ; କାରଣ ଏହାଦ୍ୱାରା ଅନ୍ୟ କିସମର ଧାନ ମିଶିବାର ସମ୍ଭାବନା କମ୍ ହୋଇଥାଏ । ଚାଷ ପ୍ରଣାଳୀ ଜମିର ଅବସ୍ଥିତି ଉପରେ ନିର୍ଭର କରୁଥିବାରୁ ଢ଼ିପ ଜମିରେ ବୁଣାଧାନ, ମଧ୍ୟମ ଜମିରେ ରୁଆ ଧାନ ଓ ଖାଲ ଜମିରେ ବିଶେଷତଃ ବୁଣା ଧାନ ଓ କିଛି ଅଂଶରେ ରୁଆଧାନ ଚାଷ କରିବାକୁ ପଡ଼ିଥାଏ । ଧାନ ଫସଲର ଅମଳ ଚାଷ ପ୍ରଣାଳୀ ଉପରେ ନିର୍ଭର କରୁଥିବାରୁ ଜମି ପ୍ରସ୍ତୁତି, ବିହନ ବୁଣିବାର ସମୟ ଓ ପରିମାଣ, ବିହନ ବିଶୋଧନ, ଧାଡି ଓ ଗଛ ମଧ୍ୟରେ ବ୍ୟବଧାନ, ଖତସାର ପ୍ରୟୋଗ, ଅନ୍ତଃଚାଷ, ଜଳସେଚନ ଏବଂ ରୋଗପୋକ ଦମନ ଆଦି ଠିକ୍ ସମୟରେ ତଥା ସଠିକ୍ ଭାବରେ କରିବା ଆବଶ୍ୟକ । ତେବେ କେବଳ ବିହନ ଉତ୍ପାଦନ ପାଇଁ ଏହି ସବୁ ଦିଗରେ ବିଶେଷ ଧ୍ୟାନ ଦେବା ନିହାତି ଜରୁରୀ ।

## ଉନ୍ନତ ମାନର ବିହନ ଚାଷ ପାଇଁ ବିହନ କେଉଁଠାରୁ ଯୋଗାଡ କରିହେବ ?

ଉନ୍ନତ ମାନର ବିହନ ଚାଷ ପାଇଁ ପ୍ରଥମ ବର୍ଷ କୌଣସି ଏକ ରେଜିଷ୍ଟ୍ରିଭୁକ୍ତ ବିହନ ଯୋଗାଣ ସଂସ୍ଥାରୁ ଆବଶ୍ୟକ ମୁତାବକ ବିହନ କିଣିବା ଦରକାର । ଏହା ବ୍ଲକ୍ କାର୍ଯ୍ୟାଳୟ, ଧାନ ଗବେଷଣା ଅନୁଷ୍ଠାନ, କୃଷି ମହାବିଦ୍ୟାଳୟ ତଥା ରାଜ୍ୟ ବିହନ ନିଗମ ଶାଖା କାର୍ଯ୍ୟାଳୟ ଆଦିରୁ ମିଳିପାରିବ । ଯଦି ଆପଣମାନେ ଫାଉଣ୍ଡେସନ ବା ପିଣ୍ଡବିହନ ପ୍ରସ୍ତୁତ କରିବାକୁ ଚାହାଁନ୍ତି, ତା' ହେଲେ ଯେଉଁ ସଂସ୍ଥାରୁ ଏହି ବିହନ ବାହାରିଛି କିମ୍ବା ରାଜ୍ୟ ବିହନ ନିଗମରୁ ବ୍ରିଡର ବିହନ କିଣି ଆଣିବାକୁ ହେବ । ଏହି ବ୍ରିଡର ବିହନ ପ୍ୟାକେଟ୍‌ରେ ହଳଦିଆ ରଙ୍ଗର ଲେବୁଲ୍ ଲାଗିଥାଏ । ସାର୍ଟିଫାଏଡ ବା ପ୍ରାମାଣିକ ବିହନ ପ୍ରସ୍ତୁତ କରିବାକୁ ହେଲେ ସେହି କିସମର ଫାଉଣ୍ଡେସନ ବିହନ ଯୋଗାଡ କରିବାକୁ ହୁଏ ଯାହାକି ରାଜ୍ୟ ବିହନ ନିଗମ ଶାଖା କାର୍ଯ୍ୟାଳୟରୁ ମିଳିପାରେ; ଏଥିରେ ଧଳା ରଙ୍ଗର ଲେବୁଲ୍ ଲାଗିଥାଏ । ଲେବୁଲ୍‌ରେ ଧାନ କିସମର ନାମ, ବିହନ ତିଆରି ସମୟ, ବିହନର ଗଜା ହେବାର କ୍ଷମତା ଓ ବିହନର ଶୁଦ୍ଧତା ବିଷୟରେ ଲିପିବଦ୍ଧ ହୋଇଥାଏ । ନିଜ ବ୍ୟବହାର ପାଇଁ ପ୍ରାମାଣିକ ବିହନ ଯୋଗାଡ କରିବାକୁ ହୋଇଥାଏ ଯାହାକି ବ୍ଲକ୍ କାର୍ଯ୍ୟାଳୟରୁ ମିଳିଥାଏ ; ଏଥିରେ ନୀଳ ରଙ୍ଗର ଲେବୁଲ୍ ଲାଗିଥାଏ । ଫାଉଣ୍ଡେସନ୍ ଓ ସାର୍ଟିଫାଏଡ୍ ବିହନ ଉତ୍ପାଦନ ପାଇଁ ନିକଟସ୍ଥ ବିହନ ପ୍ରାମାଣୀକରଣ ସଂସ୍ଥାରେ ରେଜିଷ୍ଟ୍ରିଭୁକ୍ତ ହେବା ନିତାନ୍ତ ଦରକାର ।

## ନିରୋଳା ଓ ଓଜନିଆ ବିହନ ବ୍ୟବହାର କରନ୍ତୁ

ସାଧାରଣତଃ ଚାଷୀମାନଙ୍କ ପାଇଁ ପ୍ରତିବର୍ଷ ସାର୍ଟିଫାଏଡ୍ ବିହନ କିଣିବା ସମ୍ଭବ ହୁଏ ନାହିଁ । ତେଣୁ ଚାଷୀ ନିଜ ବିହନ ବ୍ୟବହାର କରନ୍ତି । ଏ କ୍ଷେତ୍ରରେ ବିହନ ଓଜନିଆ ଓ ନିରୋଳା ହେବା ଦରକାର । ଏହା ଜାଣିବା ପାଇଁ ଏକ ଲିଟରରେ ୬୦ ଗ୍ରାମ୍ ଲୁଣ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରି ଏହି ଦ୍ରବଣରେ ବିହନ ପକାନ୍ତୁ । କେବଳ ବୁଡିଯାଉଥିବା ଓଜନିଆ ବିହନକୁ ଛାଣି, ପାଣିରେ ଧୋଇ ଓ ଭଲ ଭାବରେ ଶୁଖାଇ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ଏହାର ଅଙ୍କୁରଣ କ୍ଷମତା ପରୀକ୍ଷା କରିନେବା ଦରକାର । ଯଦି ଅଙ୍କୁରଣ କ୍ଷମତା ୮୦ ପ୍ରତିଶତରୁ କମ୍ ହୁଏ, ତେବେ ଏହି ବିହନକୁ ବ୍ୟବହାର କରନ୍ତୁ ନାହିଁ ।

## ତଳିଘେରା ପ୍ରସ୍ତୁତ କରିବା କିପରି ?

- ରୁଆ ଚାଷ ପାଇଁ ପ୍ରଥମ ଆବଶ୍ୟକତା ହେଲା ଉନ୍ନତ ତଳିଘେରା ପ୍ରସ୍ତୁତି । ତଳି ଘେରା ପାଇଁ ଯେଉଁ ଜମିରେ ଆଗରୁ ଝଡ଼ିପଡ଼ିଥିବା ଧାନ ନଥିବ ସେଭଳି ଜମି ବାଛନ୍ତୁ ।
- ଶୁଖିଲା ତଳିଘେରା ପାଇଁ ବାଲିଆ ମାଟିଭଲ । ଏକ ମିଟର ଚଉଡାର ଲମ୍ବା ପଟାଳୀମାନ ତିଆରି କରି ଦୁଇ ପଟାଳୀ ମଧ୍ୟରେ ୩୦ ସେ.ମି. ଓସାରର ନଳା ଛାଡନ୍ତୁ । ବିହନକୁ ଧାଡିରେ ୨ ସେ.ମି. ଗଭୀରରେ ବୁଣନ୍ତୁ ଓ ମାଟି ଘୋଡାଇ ଦିଅନ୍ତୁ । ଧାଡ଼ିକୁ ଧାଡ଼ି ୧୦ ସେ.ମି. ବ୍ୟବଧାନ ରଖନ୍ତୁ ।
- କାଦୁଅ ତଳିଘେରା ପାଇଁ ଜମିକୁ କାଦୁଅ କରି ୩-୪ ଦିନ ଛାଡି ଦିଅନ୍ତୁ । ଏହାଦ୍ୱାରା ପୂର୍ବରୁ ଝଡ଼ିଥିବା ମଞ୍ଜିଗୁଡ଼ିକ ନଷ୍ଟ ହୋଇଯିବ । ତା'ପରେ ଦେଢମିଟର ଚଉଡାର ପଟାଳୀ କରନ୍ତୁ ଓ ଉପର ଭାଗକୁ ସମାନ କରି ୧ ବର୍ଗ ମିଟରକୁ ୨୦ ଗ୍ରାମ୍ ହିସାବରେ ବିହନ ଗଜାକରି ଛଟା ବୁଣା କରନ୍ତୁ ।
- ଏକ ହେକ୍ଟର ବା ପାଖାପାଖି ଅଢେଇ ଏକର ଜମିପାଇଁ ୪୦ କି.ଗ୍ରା. ବିହନ ଦରକାର ପଡିବ । ଏହି ବିହନକୁ କି.ଗ୍ରା. ପ୍ରତି ୨ ଗ୍ରାମ୍ ହିସାବରେ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଧାନ ବୁଣିବା ପରେ ୪-୫ ଦିନ ପକ୍ଷୀ ଦାଉରୁ ରକ୍ଷା କରନ୍ତୁ ଓ ଗଛ ହେଲାପରେ କିଆରୀରେ ଅଳ୍ପ ପାଣି ରଖନ୍ତୁ । ତଳି ୩ ରୁ ୪ ସପ୍ତାହ ମଧ୍ୟରେ ରୋଇବା ପାଇଁ ଉପଯୋଗୀ ହୋଇଥାଏ । ତଳି ଉପାଡିବା ସମୟରେ ରୋଗୀଣା ଓ ଅଲଗା ଦେଖାଯାଉଥିବା ତଳିକୁ ବାଛି ଅଲଗା କରିଦିଅନ୍ତୁ ।

## ଧାନ ରୁଆ କାମ କରିବା କିପରି ?

ରୋଇଲାବେଳେ ପ୍ରତି ବୁଦାରେ ୨ କିମ୍ବା ୩ଟି କରି ତଳି ଅଳ୍ପ ଗଭୀରରେ ଧାଡି କରି ପୋତନ୍ତୁ । ସଅଳ କିସମ ଧାନରେ ଧାଡିକୁ ଧାଡି ୧୫ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଅନ୍ୟ କିସମରେ ୧୫ ଓ ୧୫ ସେ.ମି. କିମ୍ବା ୧୫ ଓ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ବର୍ଷାଦିନେ ଅର୍ଥାତ୍ ଖରିଫ୍ ଚାଷରେ ଜୁଲାଇ ୧୫ ତାରିଖ ପୂର୍ବରୁ ଓ ଡାଲୁଅରେ ଜାନୁୟାରୀ ୩୧ ତାରିଖ ପୂର୍ବରୁ ଧାନ ରୁଆ କାର୍ଯ୍ୟ ଶେଷ କରନ୍ତୁ । ତଳି ରୋଇବା ପରେ ବିଲରେ ପାଣି ଦେଖନ୍ତୁ । ଯଥା ସମୟରେ ଜମିରୁ ଘାସ ବାଛନ୍ତୁ । କିସମ ଅନୁଯାୟୀ ସାର ପ୍ରୟୋଗ କରନ୍ତୁ । ସାର ପକାଇବା ସମୟରେ ଅଳ୍ପ ପାଣି ବିଲରେ ରଖନ୍ତୁ । ପତ୍ର ଉପରେ ପାଣି ଲାଗିଥିବା ସମୟରେ ସାର ପ୍ରୟୋଗ କରନ୍ତୁ ନାହିଁ । ଭଲ ବିହନ ପାଇବା ପାଇଁ ପଟାସ ସାରର ଚାରିଭାଗରୁ ଏକ ଭାଗ ଆଉ ଥରେ ଫୁଲ ଉଡାଇବା ସମୟରେ ଯବକ୍ଷାରଜାନ ସାର ସହିତ ମିଶାଇ ପକାନ୍ତୁ । ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଯଥା ସମୟରେ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ।

## ବିହନ ଫସଲରୁ ମିଶା ଗଛ କାଟିବା କିପରି ?

ସାମାନ୍ୟ ସତର୍କତା ଅଭାବରୁ ବିହନ ଫସଲରେ ବିଭିନ୍ନ ମିଶା ଗଛ ଦେଖାଦେଇଥାନ୍ତି । ଶୁଦ୍ଧ ବିହନ ପାଇବାକୁ ହେଲେ ଏହି ମିଶା ଗଛ ସବୁକୁ କାଟି ବାହାର କରିବାକୁ ହେବ । ଏଥିପାଇଁ ବିହନ ଫସଲରେ ଥୋଡ଼ କିମ୍ବା ଫୁଲ ଆସିବ ପୂର୍ବରୁ କିଆରୀ ଭିତରେ ମଝିରେ ମଝିରେ ପଶି ଭିନ୍ନ ରକମର ମିଶା ଧାନ ଗଛ ଗୁଡିକୁ ମୂଳରୁ ଉପାଡି ଫିଙ୍ଗି ଦେବା ଉଚିତ । ଫୁଲ ଉଡାଇବା ସମୟରେ ପୁଣି ଭଲଭାବରେ ମିଶାଗଛ ଦେଖି କାଢିବା ଦରକାର ; ଏଠାରେ ଫୁଲ ଓ ଗଛର ରଙ୍ଗ ତଥା ଆକୃତିକୁ ଦେଖି ଅଲଗା ଜଣାପଡୁଥିବା ଗଛକୁ ବାହାର କରିଦେବା ଉଚିତ । ସେହିପରି ଫସଲ ପାଚି ଆସିବା ସମୟରେ ମଧ୍ୟ ଯଦି କିଛି ଧାନ ଅଲଗା ଜଣାପଡୁଥାଏ ତେବେ ସେ ଗଛ ସବୁକୁ ମଧ୍ୟ କାଟି ବାହାର କରିବା ଦରକାର । ଏହାଛଡ଼ା ରୋଗ ଓ ପୋକ ଲାଗିଥିବା ଗଛ ଗୁଡ଼ିକୁ ମଧ୍ୟ କାଟି ବାହାର କରିଦିଅନ୍ତୁ ।

## ବିହନ ଫସଲ ଅମଳ ସମୟରେ କେଉଁଦିଗ ପ୍ରତି ଧ୍ୟାନ ଦେବା ?

- ଗଛରେ ଧାନ ପାଚିଯାଇ ଯେତେବେଳେ ଟାଣ ଓ ହଳଦିଆ ହୋଇଯାଏ ସେତେବେଳେ ଫସଲ କାଟିବା ଉଚିତ୍ । ଧାନ କାଟିବା ପରେ ତାକୁ କ୍ଷେତରେ ୨-୩ ଦିନ ପକାଇ ରଖିଲେ ତାହା ଭଲଭାବରେ ଶୁଖିଯିବ । ତା'ପରେ ତାହାକୁ ଖଳାକୁ ନେଇ ଅମଳ କରନ୍ତୁ ।
- ଫସଲ ଅମଳ ପରେ ତାକୁ ବହୁଦିନ ଗଦାରେ ସାଇତି ନ ରଖି ଯଥାଶୀଘ୍ର ଖଳାକୁ ନେଇ ଅମଳ କରିବା ଆବଶ୍ୟକ । ସାଧାରଣତଃ ବିହନ ପାଇଁ ପକ୍‌କା ଖଳା ଆବଶ୍ୟକ । ଯଦି ଏହାର ସୁବିଧା ନ ଥାଏ ତାହା ହେଲେ ଉଚ୍ଚ ମାଟି ଖଳା କରାଯାଇପାରେ । କିନ୍ତୁ ଏହି କଚ୍ଚା ଖଳାକୁ ପ୍ରତିଥର ଅମଳ ପରେ ଗୋବରରେ ଲିପିବା ଆବଶ୍ୟକ ।
- ଅନେକ କିସମର ବିହନ ଏକ ସଙ୍ଗେ ଅମଳ ନକରି ଥରକେ ମାତ୍ର ଗୋଟିଏ କିସମର ଧାନ ବିହନ ଅମଳ କରିବା ଉଚିତ । ଏହାଦ୍ୱାରା ବିହନ ମିଶା ହେବାର ଭୟ ନଥାଏ । ଗୋଟିଏ କିସମର ଅମଳ ପରେ ଖଳାକୁ ଭଲଭାବରେ ସଫାକରି ଅନ୍ୟ କିସମର ବିହନ ଅମଳ କରିବା ଉଚିତ ।
- ଥ୍ରେସର ଦ୍ୱାରା କିମ୍ବା ବାଡେଇ କରି ବିହନ ଅମଳ କରନ୍ତୁ । ବେଙ୍ଗଳା ବା ଟ୍ରାକ୍ଟର ଦ୍ୱାରା ବିହନ ଅମଳ କରନ୍ତୁ ନାହିଁ କାରଣ ଏହାଦ୍ୱାରା ଅନେକ ମଞ୍ଜି ଭାଙ୍ଗିଯିବାର ସମ୍ଭାବନା ଥାଏ । ଫଳତଃ ବିହନର ଅଙ୍କୁରଣ କ୍ଷମତା କମିଯାଏ ।

## ବିହନ ଅମଳପରେ ଶୁଖାଇବା କିପରି ?

ବିହନ ଅମଳ ପରେ ତାକୁ ଶୀଘ୍ର ଶୁଖାଇବା ନିହାତି ଦରକାର । ଅମଳ ସରିବା ପରେ ବିହନକୁ ଭଲଭାବରେ ପାଛୁଡି ଏଥିରୁ ସମସ୍ତ ଅଦରକାରୀ ବସ୍ତୁକୁ ବାହାର କରିଦିଅନ୍ତୁ ଓ ଖଳାକୁ ପରିଷ୍କାର କରି ବିହନକୁ ୩ ସେ.ମି. ବହଳରେ ଭଲ ଭାବରେ ଖେଳାଇ ଖରାରେ ଶୁଖାନ୍ତୁ । ପ୍ରତି ୧୫-୨୦ ମିନିଟ୍ ପରେ ବିହନକୁ ଓଲଟ ପାଲଟ କରନ୍ତୁ । ସକାଳ ୯ଟାରୁ ୧୨ଟା ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଧାନ ଶୁଖାନ୍ତୁ । ମଝିରେ ଦୁଇ ଘଣ୍ଟା ଧାନକୁ ଗଦାକରି ଘୋଡାଇ ଦିଅନ୍ତୁ । ଏହାଦ୍ୱାରା ବିହନ ସବୁଆଡୁ ସମାନ ହାରରେ ଶୁଖିଯିବ । ଖଳାରେ ତାରପୋଲିନ୍ ପକାଇ ତାହା ଉପରେ ବିହନ ଶୁଖାଇବା ଭଲ । ଏଥିରେ ବିହନକୁ ଗଦାକରି ଘୋଡ଼ାଇବାରେ ସୁବିଧା ହୁଏ ଏବଂ ହଠାତ୍ ବର୍ଷା ଆସିଗଲେ ଶୁଖୁଥିବା ବିହନକୁ ବର୍ଷା ପାଣିରୁ ରକ୍ଷାକରି ହୁଏ । ଅତି କମ୍‌ରେ ୧୨ ପ୍ରତିଶତ ଆର୍ଦ୍ରତା ପର୍ଯ୍ୟନ୍ତ ଧାନ ମଞ୍ଜିକୁ ଶୁଖାଇବା ଦରକାର କାରଣ ବିହନ ମଧ୍ୟରେ ଜଳୀୟ ଅଂଶ ଅଧିକ ରହିଲେ ବିହନ ଶୀଘ୍ର ଖରାପ ହୋଇଯାଏ । ଏହି ଶୁଖିଥିବା ବିହନକୁ ଦାନ୍ତରେ ଭାଙ୍ଗି ବିହନ ଠିକ୍ ଆର୍ଦ୍ରତା ପର୍ଯ୍ୟନ୍ତ ଶୁଖିଛି କି ନାହିଁ ତାହା ସହଜରେ ଜାଣିହୁଏ ।

## ବିହନ ସାଇତି ରଖିବା କିପରି ?

ବିହନ ଭଲଭାବରେ ଶୁଖିଗଲା ପରେ ଏହାକୁ ବିଶୋଧନ କରିବା ଦରକାର । ଏହାଦ୍ୱାରା ବିହନ ସାଇତି ରଖିବା ସମୟରେ ଓ